ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.124 Bhubaneswar Wednesday June 21 2023 | ୨୬ତମ ବର୍ଷ ସଂଖ୍ୟା-୧୨୪ ଭୁବନେଶ୍ୱର, ବୁଧବାର, ଜୁନ ୨୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ମାଉସୀ ମା' ମନ୍ଦିର ପାଖରେ ଅଟକିଲା ନନ୍ଦିଘୋଷ, ଆସନ୍ତାକାଲି ମିଳିବ ରଥଟଣାର ସୁଯୋଗ



ପୁରୀ, ୨୦।୬(ପି.ଏନ): ଶରଧାବାଲିରେ ଲାଗିଲା ତାଳଧ୍ୱଜ। ବାଟରେ ଅଟକି ରହିଲେ ଦେବଦଳନ ଓ ନନ୍ଦିଘୋଷ। ଜନ୍ମବେଦୀ ଅଭିମୁଖେ ନବ ଦିନାତ୍ମକ ଘୋଷଯାତ୍ରାରେ ବାହାରି ଥିବା ଶ୍ରୀଜିଉଙ୍କ ୩ଟି ଯାକ ରଥ ଆଜି ସଂଧ୍ୟା ସୁଦ୍ଧା ଶରଧାବାଲିରେ ଲାଗି ପାରିନି। କେବଳ ବଳଭଦ୍ରଙ୍କ ତାଳଧ୍ୱଜ ଗୁଣ୍ଡିଚ଼ା ମନ୍ଦିର ସମ୍ମୁଖରେ ପହଞ୍ଚି ପାରିଛି। ସୁଭଦ୍ରାଙ୍କ ଦେବଦଳନ ରଥ ବଡ଼ଶଂଖ ନିକଟରେ ଲାଗିଥିବା ବେଳେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାଉସୀ ମାଆ ଛକରେ ରହିଛି। ଏ ଦୁଇ ରଥ ଶରଧାବାଲିରେ ପହଞ୍ଚି ନଥିବାରୁ ଆସନ୍ତାକାଲି ପୁଣି ହେବ ରଥଟଣା। ଭକ୍ତମାନେ ଆସନ୍ତାକାଲି ମଧ୍ୟ ବଡ଼ଦାଣ୍ଡରେ ରଥଟଣାର ସୁଯୋଗ ପାଇବେ। ଆଜି ନୀଳକନ୍ଦରରୁ ଭକ୍ତଙ୍କ ଗହଣକୁ ଓହ୍ଲାଇ ଅସିଛନ୍ତି ମହାବାହୁ। ରତ୍ନବେଦୀରୁ ଜନ୍ମବେଦୀକୁ ଯାଉଛନ୍ତି। ଶ୍ରୀଜିଉଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଆଜି ୫ ଲକ୍ଷରୁ ଅଧିକ ଲୋକଙ୍କ ଭିଡ ହୋଇଥିଲା। ସଅଳ ପହଣ୍ଡି ଓ ରଥ ଟଣା ସତ୍ତ୍ୱେ ସନ୍ଧ୍ୟା ପୂର୍ବରୁ ଶରଧାବାଲିରେ ରଥ ପହଞ୍ଚିପାରି ନ ଥିଲା। ଆଜି ରଥରେ ରହିବା ପରେ କାଲି ଆଡପମଣ୍ଡପ ବିଜେ କରି ଜନ୍ମବେଦୀରେ ଲୀଳାଖେଳା କରିବେ ତିନିଠାକୁର। ସେପଟେ ଭାଇ-ଭଉଣୀଙ୍କ ସହିତ ଶ୍ରୀଗୁଣ୍ଡିଚ଼ା ମନ୍ଦିର ଅଭିମୁଖେ ନବଦିନାତ୍ମକ ଯାତ୍ରା କରିଥିବା ମହାପ୍ରଭୁ ଜଗନ୍ନାଥଙ୍କୁ ଚ଼ର୍ମ ଚ଼କ୍ଷୁରେ ଦେଖି ଭକ୍ତ ଭାବ ବିହ୍ୱଳ ହୋଇପଡିଛି। ରଥ ଟାଣି ହାତ, ପାଦ ଓ ଶରୀରକୁ ମହାପ୍ରଭୁଙ୍କ ସେବାରେ ଲଗାଇ ଭକ୍ତ ଧନ୍ୟ ମଣିଛନ୍ତି।

## ମହାପ୍ରଭୁଙ୍କ ଦର୍ଶନ କଲେ ରାଜ୍ୟପାଳ

ପୁରୀ/ଭୁବନେଶ୍ୱର, ୨୦।୬ (ପି.ଏନ): ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମାନବ ସମାଜର ମଙ୍ଗଳକାମନା କରି ସାରା ବିଶ୍ୱରେ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ସେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଏହା ପୂର୍ବରୁ ରଥଯାତ୍ରା ଅବସରରେ ରାଜ୍ୟପାଳ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥ ପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତରଣ ଓ ଆଧାତ୍ମ୍ ଅନୁସରଣର ମାର୍ଗ। ରଥଯାତ୍ରା ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରେମ ପ୍ରତିଷ୍ଠାରେ ସହାୟକ ହେଉ ବୋଲି ସେ ଶ୍ରୀଜୀଉଙ୍କୁ ପ୍ରାର୍ଥନା କରିଛନ୍ତି।

# ତାଳଧ୍ୱଜ ରଥ ଟଣା ବେଳେ ଠେଲାପେଲା



ପୁରୀ, ୨୦।୬(ପି.ଏନ): ପୁରୀରେ ତାଳଧ୍ୱଜ ରଥ ଟଣା ବେଳେ ଠେଲାପେଲା। ପ୍ରାୟ ୨୫ ଜଣ ଲୋକ ଠେଲା ପେଲାରେ ପଡି ଯିବା ପରେ ସେମାନଙ୍କ ଉପରେ ଚ଼ଢ଼ିଗଲେ ଲୋକେ। ଲୋକେ ଦଳି ଦେବାରୁ ବହୁ ଲୋକ ଆହତ ହୋଇ ପୁରୀ ସଦର ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମରିଚ଼ିକୋଟ ଛକରେ ଏହି ଅଘଟଣ ଘଟିଛି। ଠେଲାପେଲାରେ ବହୁ ସଂଖ୍ୟକ ମହିଳା ଓ ବରିଷ୍ଠ ନାଗରିକ ପଡି ଯିବା ପରେ ଉପସ୍ଥିତ ସୁରକ୍ଷା କର୍ମୀ ଭିଡକୁ ପ୍ରତିହତ କରି ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ମୃଦ ଲାଠି ଚ଼ାଳନା କରି ପଡି ଯାଇଥିବା ଲୋକଙ୍କୁ ଉଠାଇ ଆଶୁ ଚ଼ିକିତ୍ସା କେନ୍ଦ୍ରକୁ ନିଆଯିବା ପରେ ସେଠାରୁ ପ୍ରାୟ ୫ ଜଣଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସମସ୍ତଙ୍କର ଚ଼ିକିତ୍ସା ଚ଼ାଲିଛି। ସେମାନଙ୍କ ଭିତରେ ଜଣେ ବିଦେଶୀ ଭକ୍ତ ମଧ୍ୟ ଅଛନ୍ତି।

## ପ୍ରବଳ ଗୁଳୁଗୁଳି ଓ ଗରମ ଯୋଗୁଁ ଶତାଧିକ ଶ୍ରଦ୍ଧାଳୁ ଚେତାଶୂନ୍ୟ

ପୁରୀ, ୨୦।୬(ପି.ଏନ): ଆଜି ଶ୍ରୀଗୁଣ୍ଡିଚା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ପ୍ରବଳ ଗୁଳୁଗୁଳି ଓ ଗରମ ଯୋଗୁଁ ଅପରାହ୍ନ ୧ଟା ୩୦ ସୁଦ୍ଧା ଶତାଧିକ ଶ୍ରଦ୍ଧାଳୁ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଅସୁସ୍ଥ ମାନଙ୍କୁ ଆଶୁ ଚିକିତ୍ସା ଶିବିରରେ ଭର୍ତ୍ତି କରାଯାଇଛି ।

## ଉପରାଷ୍ଟ୍ରପତି ୨୨ ଜୁନରେ ଜାମ୍ମୁ ଓ କାଶ୍ମୀର ଗସ୍ତ କରିବେ

ନୂଆଦିଲ୍ଲୀ, ୨୦।୬(ପି.ଏନ): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ୨୨ ଜୁନରେ କେନ୍ଦ୍ର ଶାସିତ ପ୍ରଦେଶ ଜାମ୍ମୁ ଓ କାଶ୍ମୀର ଗସ୍ତ କରିବେ । ଉପରାଷ୍ଟ୍ରପତି ହେବା ପରେ ଜାମ୍ମୁ ଓ କାଶ୍ମୀରକୁ ଏହା ତାଙ୍କର ପ୍ରଥମ ଗସ୍ତ ।ଉପରାଷ୍ଟ୍ରପତି ସଚିବାଳୟ ମଙ୍ଗଳବାର ଦିନ କହିଛନ୍ତି ଯେ, ଉପରାଷ୍ଟ୍ରପତି ଧନଖଡ଼ ଗୁରୁବାର ଦିନ ଜାମ୍ମୁ ବିଶ୍ୱବିଦ୍ୟାଳୟ ବିଶେଷ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ହେବେ । ଏହା ପରେ ଉପରାଷ୍ଟ୍ରପତି ଧନଖଡ଼ ତାଙ୍କ ପତ୍ନୀ ଡ. ସୁଦେଶ ଧନଖଡ଼ଙ୍କ ସହିତ ମାତା ବୈଷ୍ଣୋଦେବୀଙ୍କୁ ଦର୍ଶନ କରିବା ପାଇଁ ଯିବେ । ତାଙ୍କ ଏକଦିବସୀୟ ଯାତ୍ରାରେ ଉପରାଷ୍ଟ୍ରପତି ଜାମ୍ମୁ ଓ କାଶ୍ମୀର ରାଜଭବନକୁ ଯିବାର କାର୍ଯ୍ୟକ୍ରମ ରହିଛି ।

## ୨୨ ନୁହେଁ ୨୩ରେ ଆସିବେ ନଡ୍ଡା

ଭୁବନେଶ୍ୱର, ୨୦।୬(ପି.ଏନ): ବଦଳିଛି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ। ନଡ୍ଡା ଆସନ୍ତା ୨୨ ତାରିଖ ବଦଳରେ ୨୩ ତାରିଖରେ ଓଡିଶା ଆସିବେ। ଅନିବାର୍ଯ୍ୟ କାରଣବଶତଃ ନଡ୍ଡାଙ୍କ ଗସ୍ତ ଦିନଟିଏ ଘୁଂଚିଥିବା ସାଂସଦ ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି।

ବସନ୍ତ ପଣ୍ଡା କହିଛନ୍ତି ଯେ ୨୩ ତାରିଖରେ ଜେପି ନଡ୍ଡା କଳାହାଣ୍ଡି ଆସିବେ। ଭବାନୀପାଟଣାର ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ନଡ୍ଡା ଯୋଗ ଦେବେ। ସାଧାରଣ ସଭା ପରେ ସର୍କିଟ ହାଉସରେ ବରିଷ୍ଠ ନାଗରିକଙ୍କୁ ଭେଟିବେ।

# ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି: ସୋର ସେକ୍ସନର ସିଗନାଲ ଜେଇଙ୍କୁ ଧରି ପଚ଼ରାଉଚ଼ରା କରୁଛି ସିବିଆଇ



ବାଲେଶ୍ୱର, ୨୦।୬(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଟ୍ରାଜେଡିର ଖୋଲତାଡ ଜୋରଦାର କରିଛି CBI। ଆଜି ସୋର ସେକ୍ସନର ସିଗନାଲ JE ଅମୀର ଖାନଙ୍କୁ ନେଇ ପଚ଼ରାଉଚ଼ରା ଓ ଛାନଭିନ୍ କରୁଛି CBI। ଆମୀରଙ୍କୁ ତାଙ୍କ କରମପୁର ସ୍ଥିତ ବାସଭବନକୁ ନେଇ କାଗଜପତ୍ର ଯାଞ୍ଚ କରୁଛି ସିବିଆଇ। ଅମୀରଙ୍କ ଘର ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଡଙ୍କଣୀ ଅଞ୍ଚଳରେ ବୋଲି ଜଣାପଡିଛି । ଦୁର୍ଘଟଣା ପରଠୁ ଅମୀରଙ୍କ ଦେଖାନଥିବା ବେଳେ, ସିଗନାଲ JEଙ୍କ ଭଡାଘରକୁ ସିଲ୍ କରିଥିଲା CBI । ସେପଟେ ବାହାନଗା ଷ୍ଟେସନ ମାଷ୍ଟରଙ୍କ ସୋର ବ୍ଲକ୍ ଡେଷ୍ଟେଇ ସ୍ଥିତ ଘରେ ମଧ୍ୟ ତନାଘନା କରିଛି CBI ଟିମ୍। ଜୁନ ୨ ତାରିଖରେ ବାହାନଗା ବଜାର ଷ୍ଟେସନ ନିକଟରେ କରମଣ୍ଡଳ ଏକ୍ସପ୍ରେସ୍ ପ୍ରଥମେ ଏକ ମାଲଗାଡିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରାକରୁ ଖସି ଥିବା ବଗିଗୁଡିକ ଆର ଟ୍ରାକରେ ଆସୁଥିବା ଯଶୱନ୍ତପୁର-ହାୱଡ଼ା ଟ୍ରେନକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୯୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ହଜାରେ ଲୋକ ଆହତ ହୋଇଥିଲେ।

# କରୋନା ଟିକା ନେବା ପରେ ଦେଶରେ ବଢୁଛି କି ହୃଦଘାତ ଜନିତ ମୃତ୍ୟୁସଂଖ୍ୟା ଲିଙ୍କ୍ ଖୋଜୁଛି ଆଇସିଏମଆର



ନୂଆଦିଲ୍ଲୀ, ୨୦।୬(ପି.ଏନ): କରୋନା ଟିକା ନେବା ପରେ ଦେଶରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢିଛି । ଭାଇରସରୁ ରକ୍ଷା ପାଇଁ ଲୋକେ ନେଇଥିବା ଟିକା ସାଜିଲା କି ମୃତ୍ୟୁର କାରଣ ? ଏହାର କାରଣ ଖୋଜୁଛି ଆଇସିଏମଆର । ସାରା ଦେଶରେ ଏଭଳି ଅଭିଯୋଗ ପରେ ଏକ ଷ୍ଟଡ଼ି କରୁଛି ଆଇସିଏମଆର । ଯାହାର ରିପୋର୍ଟ ଆସନ୍ତା ଜୁଲାଇରେ ପ୍ରକାଶ ପାଇବ । ଏହି ଷ୍ଟଡ଼ିରେ ଯୁବଗୋଷ୍ଠୀ ନେଉଥିବା ଟିକା ଏବଂ ହୃଦଘାତ ମଧ୍ୟରେ ହେଉଥିବା କ୍ରିୟା ଓ ପ୍ରତିକ୍ରିୟାକୁ ବୁଝିବା ପାଇଁ ଚେଷ୍ଟା କରୁଛି ଆଇସିଏମଆର । ବିଶେଷ କରି ତିନୋଟି କ୍ଷେତ୍ର ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି । ପ୍ରଥମଟି ହେଲା ଟିକାକରଣ ପରେ ଲୋକଙ୍କ ମୃତ୍ୟୁ ପ୍ରାକୃତିକ ଢଙ୍ଗରେ ହୋଇଛି କି । ଦ୍ୱିତୀୟରେ କୋଭିଡ ଟିକା ଲୋକଙ୍କ ମୃତ୍ୟୁ ପାଇଁ ଦାୟୀ କି । ମୃତ୍ୟୁ ହୋଇଥିବା ଲୋକ କୋଭିଡ ଆକ୍ରାନ୍ତ ହୋଇ ଗମ୍ଭୀର ସ୍ଥିତିରେ ଥିଲା କି । ଏଭଳି ତିନୋଟି ପ୍ରଶ୍ନର ଏବେ ଉତ୍ତର ଖୋଜୁଛି ଆଇସିଏମଆର । ଏଭଳି ଗବେଷଣା ପାଇଁ ୪୦ଟି ହସ୍ପିଟାଲର କ୍ଲିନିକାଲ ରେଜିଷ୍ଟ୍ରେସନର ସାମ୍ପଲ ସଂଗ୍ରହ କରାଯାଇଛି । ରୋଗୀଙ୍କ ଡାଟା ଏମ୍ସରୁ ମଧ୍ୟ ନିଆଯାଇଛି । ପୂର୍ବରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବିୟ ମଧ୍ୟ କରୋନା ଟିକା ନେବା ପରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢିଛି ବୋଲି ସ୍ୱିକାର କରିଥିଲେ । ଏନେଇ ହେଉଥିବା ଗବେଷଣାର ଫଳାଫଳ ଆସନ୍ତା ଜୁଲାଇରେ ସାର୍ବଜନୀନ କରାଯିବ ।

# ସମ୍ବଲପୁର ଜିଲ୍ଲାରେ ୨୨ରୁ ୨୪ ତାରିଖ ଯାଏଁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୨୦।୬(ପି.ଏନ): ସମ୍ବଲପୁର ଜିଲ୍ଲାରେ ୨୧ ତାରିଖ ପ ରିବର୍ତ୍ତେ ୨୨ ତାରିଖରୁ ସ୍କୁଲ ଖୋଲିବ ସ୍କୁଲ। ସେହିପରି ୨୪ ତାରିଖ ଯାଏ ସ୍କୁଲ ସକାଳୁଆ ହେବ । ସମ୍ବଲପୁରର ଜିଲ୍ଲାପାଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୨ ତାରିଖରେ ସମ୍ବଲପୁର ଜିଲ୍ଲାର ସମସ୍ତ ବିଦ୍ୟାଳୟ ଖୋଲିବ। ୨୨ରୁ ୨୪ ତାରିଖ ଯାଏଁ ସକାଳ ସାଢ଼େ ୬ରୁ ୧୦ଟା ଯାଏ ସ୍କୁଲ ଚାଲିବ। ସକାଳ ସାଢେ ୯ଟାରୁ ୧୦ଟା ମଧ୍ୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା କରାଯିବ। ତେବେ ୨୬ ତାରିଖରୁ ୧୦ଟାରୁ ୪ଟା ଯାଏ ସ୍କୁଲ ଚାଲିବ। ଉଲ୍ଲେଖଯୋଗ୍ୟ, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜୁନ୍ ୨୧ରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ଅନୁମାନ କରାଯାଉଛି। ତେଣୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସ୍କୁଲ ସମୟ ଧାର୍ଯ୍ୟ କରିପାରିବେ ବୋଲି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହା ଯାଇଥିଲା ।

## ଏକାଦଶ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ ଜୁନ୍ ୨୬ ଯାଏଁ ବଢିଲା

ଭୁବନେଶ୍ୱର, ୨୦।୬(ପି.ଏନ): ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ପୂର୍ବରୁ ଜୁନ୍ ୨୦ ପର୍ଯ୍ୟନ୍ତ ଆବେଦନ କରିବାର ଶେଷ ତାରିଖ ରହିଥିବା ବେଳେ ଏହାକୁ ଜୁନ୍ ୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛି ଗଣଶିକ୍ଷା ବିଭାଗ । ଆବେଦନ ପରେ ଜୁଲାଇ ୨ରେ ପ୍ରଥମ ମେରିଟ ଲିଷ୍ଟ ବାହାରିବ। ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଡମିଶନ ଚାଲିବ।

# ମୌସୁମୀ ପୂର୍ବରୁ ୨୩ ଓ ୨୪ରେ ଭିଜିବ ଓଡିଶା



ଭୁବନେଶ୍ୱର, ୨୦।୬(ପି.ଏନ): ଦକ୍ଷିଣ-ପଶ୍ଚିମ ମୌସୁମୀ ଆସିବା ପୂର୍ବରୁ ଭିଜିବ ଓଡିଶା। ଗୁଳୁଗୁଳି ଓ ଗରମରୁ ମିଳିବ ଆଶ୍ୱସ୍ତି। ଆସନ୍ତାକାଲି (୨୧ ତାରିଖ)ରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଅନେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୩ ଓ ୨୪ ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚ଼ନା ଜାରି କରିଛି।

# ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ପୁରୀ, ୨୦।୬(ପି.ଏନ): ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭିଡ଼ ଭିତରକୁ ଯାଇ ରଥାରୁଢ଼ ଚ଼ତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ଆଶିଷ ନେଇଛନ୍ତି। ପ୍ରବଳ ଭିଡ଼ରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟାଣିଛନ୍ତି ମୁଖ୍ୟମନ୍ତ୍ରୀ। ରଥଯାତ୍ରାରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ଉନ୍ମୋଚ଼ନ କରିଥିଲେ ମୁଖ୍ୟମନ୍ତ୍ରୀ । ରାଜ୍ୟପାଳ ଗଣେଶୀ ଲାଲ୍, ଫାଇଭ୍-ଟି ଭିକେ ପାଣ୍ଡିଆନଙ୍କ ସହ ବହୁ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ରହିଥିଲେ ।

# ମଣିପୁରର କିଛି ସ୍ଥାନରେ ଇଣ୍ଟରନେଟ ସେବା ଯୋଗାଇ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୦।୬(ପି.ଏନ): ଆଦିବାସୀ ଓ ଅଣ ଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇ ପଡିଥିବା ମଣିପୁରରେ ଅଚ଼ଳା ଅବସ୍ଥା ଜାରି ରହିଛି। ମାସେରୁ ଅଧିକ ଦିନ ହେଲା ଲୋକମାନେ ଇଣ୍ଟରନେଟ ଠାରୁ ଆରମ୍ଭ କରି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ମଣିପୁର ଜଳୁଥିବା ବେଳେ ସତେ ଯେମିତି ଏଥିପ୍ରତି କାହାର ନିଘା ନଥିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ଏସବୁ ଭିତରେ ଆଜି ମଣିପୁରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଆଶିଂକ ଇଣ୍ଟରନେଟ ସେବା ଆରମ୍ଭ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ତୁଳସୀ କ୍ଷେତ୍ରରେ ଭାଙ୍ଗିଲା ପରମ୍ପରା, ଗଡିଲାନି ରଥ, ନିରାଶ ହେଲେ ଭକ୍ତ ଓ ଶ୍ରଦ୍ଧାଳୁ

କେନ୍ଦ୍ରାପଡ଼ା, ୨୦।୬(ପି.ଏନ): କେନ୍ଦ୍ରାପଡା ତୁଳସୀ କ୍ଷେତ୍ରରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରାର ପରମ୍ପରା ଭଙ୍ଗ ହୋଇଛି। ଶ୍ରୀ ଗୁଣ୍ଡିଚାର ପ୍ରଥମ ଦିନରେ ଗୋଟିଏ ଦଉଡି ରଥ ଟଣା ହୋଇ ଦେବୋତର କାର୍ଯ୍ୟାଳୟ ନିକଟରେ ରୁହେ। ଦ୍ୱିତୀୟ ଦିନ ରଥଯାତ୍ରା ସଂମ୍ପୂର୍ଣ୍ଣ ହୋଇ ମାଉସୀ ମା ମନ୍ଦିର ନିକଟରେ ପହଁଚିଥାଏ । ଦୀର୍ଘଦିନ ରୁ ଚଳି ଆସୁଥିବା ଏହି ପରମ୍ପରା ଆଜି ଭଙ୍ଗ ହୋଇଛି । ଦିଅଁମାନେ ପହଣ୍ଡି ବିଜେରେ ରଥ ଆରୋହଣ କରିଥିଲେ ମଧ୍ୟ ରଥ ଟଣା ଆଦୌ ହୋଇପାରି ନାହିଁ । ମନ୍ଦିର ପ୍ରଶାସନ ଓ ସେବକ ମାନଙ୍କ ମଧ୍ୟରେ ତାଳ ମେଳ ଠିକ ରହୁ ନଥିବାରୁ କିଛିଦିନ ହେଲା ଦୈନନ୍ଦିନ ନୀତିକାନ୍ତି ରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଉଥିବା ଭକ୍ତମାନେ ଅଭିଯୋଗ କରିଛନ୍ତି। ସ୍ନାନ ପୂର୍ଣ୍ଣିମା ଦିନ ଧାର୍ଯ୍ୟ ସମୟ ଠାରୁ ୩ ଘଣ୍ଟା ବିଳମ୍ବରେ ପହଣ୍ଡି କରାଯିବାରୁ ଭକ୍ତମାନେ ନିରାଶ ହୋଇଥିଲେ। ଆଜି ମଙ୍ଗଳବାର ମଧ୍ୟ ଶ୍ରୀ ଗୁଣ୍ଡିଚା ଦିନ ୨ଟା ରୁ ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇ ୪ଟା ମଧ୍ୟରେ ଦିଅଁମାନେ ରଥ ଆରୋହଣ କରି ଅପରାହ୍ନ ୫ଟା ରେ ରଥ ଟଣା ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ସୁପରଭାଇଜର ଙ୍କ ମାଧ୍ୟମରେ ନିର୍ଘଣ୍ଟ ଜାରି କରିଥିଲେ। ମାତ୍ର ଏହି ସମୟକୁ ସଂପୂର୍ଣ୍ଣ ବେଖାତିର କରି ପହଣ୍ଡି କାର୍ଯ୍ୟ ଅପରାହ୍ନ ୫ଟା ରେ ପହଣ୍ଡି ଆରମ୍ଭ କରାଯାଇ ସଂନ୍ଧ୍ୟା ୭ଟା ରେ ଦିଅଁ ମାନେ ରଥ ଆରୋହଣ କରିଥିବାରୁ ରଥଟଣା ଆରମ୍ଭ ହୋଇପାରି ନାହିଁ । ଯାହା ଫଳରେ ପବିତ୍ର ତୁଳସୀ କ୍ଷେତ୍ରର ବହୁ ବର୍ଷର ପରମ୍ପରା ଭଙ୍ଗ ହେବା ସହ ଶ୍ରଦ୍ଧାଳୁ ଭକ୍ତମାନେ ରଥ ଟାଣି ନପାରି ନିରାଶ ହୋଇ ଫେରିଛନ୍ତି । ମନ୍ଦିର ପରିଚାଳନା ସମିତିର ସଭାପତି ତଥା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, କାର୍ଯ୍ୟ ନିର୍ବାହୀ ବଳଭଦ୍ର ପତ୍ରୀ, ସଭ୍ୟ ତଥା ଏସଡିପିଓ ଜୟନ୍ତ ମହାପାତ୍ର ଓ ଅନ୍ୟ ସେବକ ଟ୍ରଷ୍ଟି ସଦସ୍ୟ ମାନେ ଉପସ୍ଥିତ ଥିଲେ ମଧ୍ୟ ଶୃଙ୍ଖଳିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ଦିଅଁ ମାନଙ୍କ ପହଣ୍ଡି ବିଜେ ହୋଇପାରିଲା ନାହିଁ । ମନ୍ଦିର ପରିଚାଳନା ସମିତି ଓ ପାଳିଆ ସେବକ ମାନଙ୍କ ମଧ୍ୟରେ ଉତମ ବୁଝାମଣା ରହୁ ନଥିବାରୁ ମହାପ୍ରଭୁଙ୍କ ରଥଯାତ୍ରା ଭଳି ଏକ ପ୍ରସିଦ୍ଧ ଉତ୍ସବ ପାଳନରେ ବିଶୃଙ୍ଖଳା ଦେଖା ଦେଇଛି । ରିପୋଟ ଲେଖା ହେଲା ବେଳକୁ ରାତି ୮ଟା ସୁଦ୍ଧା ଚାରମାଳ ହଟାଯାଇ ରଥରେ ଘୋଡା ବାନ୍ଧିବା କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନଥିବା ଦେଖିବାକୁ ମିଳିଥିଲା। କାହିଁକି ଏଭଳି ଅଘଟଣ ଓ ବ୍ୟତିକ୍ରମ ବାରମ୍ବାର କରାଯାଉଛି ଏହାର ସଠିକ ଉତର କିଏ ଦେବ ଜଣାପଡୁ ନାହିଁ। ଆଗକୁ ଏହିଭଳି ବିଶୃଙ୍ଖଳା ହେବ ନା ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସେବାକାର୍ଯ୍ୟ ଓ ଉତ୍ସବ ପାଳନ କରାଯିବ ଏନେଇ ଭକ୍ତ ସମାଜ ମନ୍ଦିର ପ୍ରଶାସନ ଠାରୁ ପ୍ରତିକାର ଚାହୁଁଛି । ତେବେ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବାପାଇଁ ପରିଚାଳନା ସମିତି ସଭାପତି ତଥା ଉପ ଜିଲ୍ଲାପାଳ ଓ ଦେବୋତର ବିଭାଗ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଫୋନରେ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ସେମାନେ କେହି ଫୋନ ଉଠାଇ ନଥିଲେ।

# ପୁରୀ ରଥଯାତ୍ରାରେ ସେବାକାର୍ଯ୍ୟରେ ନିୟୋଜିତ ହେଲେ ୧୧୦୦ ସ୍ୱୟଂସେବକଙ୍କ

ପୁରୀ/ଭୁବନେଶ୍ୱର, ୨୦।୬ (ପି.ଏନ): ପୁରୀ ରଥଯାତ୍ରାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ୮ ପ୍ରକାର ସେବାକାର୍ଯ୍ୟ କରାଯାଇଛି। ଏହି ସେବାକାର୍ଯ୍ୟରେ ୧୧୦୦ ସ୍ୱୟଂସେବକ ସାମିଲ ହୋଇଥିଲେ । ଆହତ ଓ ମୂର୍ଚ୍ଛିତମାନଙ୍କୁ ଚିକିତ୍ସାଳୟରେ ଭର୍ତି କରିବାରେ ଆମ୍ବୁଲାନ୍ସ ଯିବା ଆସିବା ନିମନ୍ତେ ଭିଡ ଭିତରେ ଆମ୍ବୁଲାନ୍ସ ପାଇଁ ୫୦୦ ମିଟର ମାନବୀୟ ରାସ୍ତା ନିର୍ମାଣ କରିଛନ୍ତି। ଯାହା ଦ୍ୱାରା ରୋଗୀମାନଙ୍କୁ ଭିଡ ମଧ୍ୟରେ ରଥ ପାଖରୁ ଆମ୍ବୁଲାନ୍ସ ନିକଟରେ ସହଜରେ ପହଂଚାଯାଇ ପାରୁଥିଲା। ଏତଦ୍ ବ୍ୟତୀତ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ସେବା, ଷ୍ଟ୍ରେଚର ସେବା, ପାନୀୟ ଜଳ ବିତରଣ, ଭ୍ରାମ୍ୟମାଣ ପାନୀୟ ଜଳ ବିତରଣ, ଜଳ ସିଂଚନ, ଆମ୍ବୁଲାନ୍ସ ଗମନାଗମନ ପଥ, ହଜି ଯାଇଥିବା ବ୍ୟକ୍ତିଙ୍କୁ ଖୋଜି ଆଣିବା, ଡାକ୍ତରଖାନାରେ ରୋଗୀ ସହାୟତା ଯୋଗାଇ ଦିଆଯାଇଛି । ସ୍ୱୟଂସେବକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ସେବାକାର୍ଯ୍ୟ କରିଛନ୍ତି । ୨୦୦୫ ମସିହାରୁ ସ୍ୱୟଂସେବକମାନେ ଏପରି ଅନେକ କାର୍ଯ୍ୟ ପ୍ରଶାସନ ସହ ମିଶି କରି ଆସୁଛନ୍ତି । ଏହି ୮ ପ୍ରକାର ସେବା ମଧ୍ୟରୁ ପ୍ରାଥମିକ ଚିକିତ୍ସା ଦୀର୍ଘ ୯ ଦିନ ବ୍ୟାପି ଅନୁଷ୍ଠିତ ହେବ । ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରର ଡାକ୍ତରମାନେ ଆସି ପ୍ରାଥମିକ ଚିକିତ୍ସା ପ୍ରଦାନ କରୁଛନ୍ତି। ଏହି ପ୍ରାଥମିକ ଚିକିତ୍ସା ଯୋଗୁଁ ସେହି ଡାକ୍ତରମାନେ ଉତ୍ସାହିତ ହେବା ସହ ୯ ଦିନ ଧରି ସେବା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଛନ୍ତି। ଜୁନ ୧୯ ତାରିଖ ସନ୍ଧ୍ୟା ସମୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡା ବଜାର ଠାରେ ସଂଘର ଅଧିକାରୀମାନେ ସମସ୍ତ ସ୍ୱୟଂସେବକମାନଙ୍କୁ ୮ ଭାଗରେ ସେବାର ଗୁରୁ ଦାୟିତ୍ୱ ସମ୍ପର୍କରେ ବୁଝାଇ ଥିଲେ। ଆଜି ପ୍ରାତଃ ୭ ଘଟିକା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ସମସ୍ତେ ଏକଜୁଟ ହୋଇ ସେବାକାର୍ଯ୍ୟର ଉଦ୍‌ଘାଟନ ପରେ ରଥଯାତ୍ରାରେ ସେବା ଯୋଗାଇ ଦେବା ପାଇଁ ସମସ୍ତ ସ୍ୱୟସେବକ ବାହାରିଥିଲେ ବୋଲି ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ରବି ନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଆକଏନ ଓଡ଼ିଶା ଚାପ୍ଟରର ଚତୁର୍ଥ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ



କେନ୍ଦ୍ରାପଡା (ପିଏନ୍): ଆକଏନ ଓଡିଶା ଚାପଟର ୪ର୍ଥ ବାର୍ଷିକ ସମ୍ମିଳନୀ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁରସ୍ଥିତ ବି.ଆର. ରେସିଡେନସି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ ଅଫ୍ କମ୍ୟୁନିଟି ଅଫ୍ ଥର୍ମୋଲୋଜି ଅଫ୍ ଇଣ୍ଡିଆ(ଆକଏନ)ର ଜାତୀୟ ସଭାପତି ଲକେଶ ମଧେରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସାଧାରଣତଃ ଏଭଳି ସମ୍ମିଳନୀ କଟକ, ଭୁବନେଶ୍ୱର ଭଳି ସିଟିରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଆକଏନ ଓଡିଶା ଚାପଟରର ଅଧିବେସନ କେନ୍ଦ୍ରାପଡା ଭଳି ଏକ ଛୋଟ ସହରରେ ଅନୁଷ୍ଠିତ ହେବା କେନ୍ଦ୍ରାପଡାବାସୀଙ୍କ ପାଇଁ ଅତ୍ୟନ୍ତ ଗୌରବର କଥା। ଏହି ସମ୍ମିଳନୀରେ ଭାରତବର୍ଷର ବହୁ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଓ ଡାକ୍ତରମାନେ ଯୋଗଦେଇଛନ୍ତି। ଏହାର ଉଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ଚକ୍ଷୁରୋଗୀମାନଙ୍କୁ ଅତ୍ୟାବଶ୍ୟକ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବା ସହ ସେମାନଙ୍କୁ ଏସମ୍ପର୍କରେ ସଚେତନ କରାଇବା। ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀ ଏବଂ ତାଙ୍କ ସୁପୁତ୍ର ଡା. ସରୋଜ ତ୍ରାପାଠୀଙ୍କ ଉଦ୍ୟମରେ ଏଭଳି କାର୍ଯ୍ୟକ୍ରମ କେନ୍ଦ୍ରାପଡାରେ ସମ୍ଭବ ହୋଇପାରିଛି ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ ଚଢା ଯୋଗଦେଇ କହିଥିଲେ ଯେ ଜଣେ ରୋଟାରିୟାନ ଭାବେ ସେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ବହୁ ଚକ୍ଷୁ ଚିକିତ୍ସା ଶିବିରରେ ଯୋଗଦେଇଛନ୍ତି। ଗ୍ରାମାଞ୍ଚଳର



ଗରିବ ଅସହାୟ ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବାକୁ ସମିତିର ଡାକ୍ତରମାନଙ୍କୁ ସେ ନିବେଦନ କରିଥିଲେ। ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଡା. ବି.ଏନ.ଆର. ସୁବୁଦ୍ଧି ତାଙ୍କ ଭାଷଣରେ ରାଜ୍ୟର ଅପହଞ୍ଚ ଗ୍ରାମାଞ୍ଚଳରେ ପହଞ୍ଚି ଚକ୍ଷୁର ଯତ୍ନ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ ସଂଗଠନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା କହିଥିଲେ। ସଂଗଠନର ରାଜ୍ୟ ସଭାପତି ଡା. ଶରତ ଚନ୍ଦ୍ର ଦାସ ସମ୍ମିଳନୀରେ ଉପସ୍ଥିତ ଚକ୍ଷୁ ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଅପହଞ୍ଚ ଇଲାକାର ଗରିବ ଅସହାୟ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସେବା ଯୋଗାଇଦେବାକୁ ଜୀବନର ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ଡା. ବିମଳକାନ୍ତ ତ୍ରିପାଠୀ ସମସ୍ତଙ୍କ ସହଯୋଗରେ ଆଜିର ସମ୍ମିଳନୀ ସଫଳ ହୋଇଥିବାରୁ କୃତଜ୍ଞତା ଜଣାଇଥିଲେ। ସାଂଗଠନିକ ସମ୍ପାଦକ ଡା. ସରୋଜ ତ୍ରିପାଠୀ କହିଥିଲେ ଯେ ଓଡିଶାର ସମସ୍ତ ଜିଲ୍ଲାର ଗ୍ରାମାଞ୍ଚଳକୁ ଯାଇ ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକମାନଙ୍କୁ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବାକୁ ଯୁବ ଡାକ୍ତରମାନଙ୍କୁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ସୋପନ ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସଂଗଠନର ବରିଷ୍ଠ ଡାକ୍ତରମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀକୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଓ ଡାକ୍ତରମାନେ ଓସ୍ତପୁରସ୍ଥିତ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟକୁ ପରିଦର୍ଶନ କରିଥିଲେ। ଶେଷରେ ରାଜ୍ୟ ଚାପ୍ଟର ସମ୍ପାଦକ ଡା. ସନ୍ତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟବ୍ରତ ସିଂ, ସଞ୍ଜୟ କୁମାର ଜେନା, ଧିରେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍‌ରୁ ରଡ୍ ଚୋରି, ଜଣେ ଅଟକ

ଧର୍ମଶାଳା (ପିଏନ୍): କିଛିଦିନର ବ୍ୟବଧାନ ପରେ ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ରଖିଆ ଛକ ନିକଟରେ ପୁଣି ଲୁହାରଡ୍ ଚୋରା କାରବାର ଆରମ୍ଭ ହୋଇଛି। ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଟ୍ରକ୍‌ରେ ଲୁହାରଡ୍ ପରିବହନ ହୋଇଥାଏ। ସ୍ଥାନୀୟ ଅଞ୍ଚଳର କିଛି ମାଫିଆ କେତେକ ଅସାଧୁ ଡ୍ରାଇଭରଙ୍କୁ ହାତ କରି ଟ୍ରକ୍‌ରୁ ଲୁହାରଡ୍ ଖଲାସ କରିଥାନ୍ତି। ପରେ ଏହାକୁ ନିକଟସ୍ଥ ଅଞ୍ଚଳରେ ବିକ୍ରି କରି ବେଶ୍ ମୁନାଫା ପାଇଥାନ୍ତି। ଏଥିନେଇ ରଥିଆ ଅଞ୍ଚଳରେ ଏକ ବଡ ର୍ୟାକେଟ୍ କାମ କରୁଥିବା ଅଭିଯୋଗ ହୋଇଆସୁଛି। ପୂର୍ବରୁ ପୁଲିସ୍ ଏଠାରେ ବାରମ୍ବାର ଚଢ଼ଉ କରିଥିଲେ ମଧ୍ୟ ଏହି ଚୋରା କାରବାରକୁ ରୋକା ଯାଇପାରୁନାହିଁ। ନିକଟରେ ରଡ୍ ପାର୍‌ଉତାର୍ ହେଉଥିବା ଖବର ପାଇ ପୁଲିସ୍ ଚଢ଼ଉ କରିଥିଲା। ଏହି ସମୟରେ କେତେକ ମାଫିଆ ଖସି ଯାଇଥିବା ବେଳେ ଜଣେ ଅଭିଯୁକ୍ତକୁ ପୁଲିସ୍ ଧରିବାରେ ସକ୍ଷମ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ପୁଲିସ୍ କିଛି ଲୁହାରଡ୍ ଜବତ କରିଥିବା ବେଳେ ଘଟଣାର ତଦନ୍ତ କରୁଛି। ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କୃଷକ ଆନନ୍ଦ ମଲିକଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଟପୁର ଗ୍ରାମର କୃଷକ ଆନନ୍ଦ ମଲିକ(୭୨)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସଂପର୍କୀୟ ନିରଂଜନ, ବୀରକିଶୋର, ସୁରେନ୍ଦ୍ର, ସ୍ୱର୍ଣ୍ଣଲତା, ଲତା, ବନିତା, ରେଣୁବାଳା, ସବିତା, ବଳରାମ, ସୁଶାନ୍ତ, ଦେବାଶିଷ, ଅଶୋକ, ମୁନାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତଃ ମଲିକ ଜଣେ ଆଗୁଆ ଚାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ଖବର ପାଇ ସଂଗଠକ ଦୁଃଶାସନ ନାୟକ, ପୂର୍ବତନ ସରପଞ୍ଚ ନଗେନ୍ କୁମାର ଦାସ, ପଞ୍ଚାୟତ ବିଜେଡ଼ି ସଭାପତି ଅକ୍ଷୟ କୁମାର ସାହୁ, ଯୁବ ସଂଗଠକ ଆଲୋକ ଜେନାସାମନ୍ତ, ଅନୁବ୍ରତ ମିଶ୍ର, ରୋଟାରିଆନ୍ ପ୍ରଶାନ୍ତ କୁମାର ପୃଷ୍ଟି, ଶରତ ମିଶ୍ର, ସାଗର ମଲିକ, ଭାଗ୍ୟଧର ଦାସ, ପ୍ରଭାତ ପୃଷ୍ଟି, ସମାଜସେବୀ ନିରଂଜନ ମଲିକ ପ୍ରମୁଖ ବହୁବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ପୁଅ ଅରୁଣ ମୁଖାଗ୍ନି ଦେଇଥିଲେ।

## ଭବାନୀପୁର ପଞ୍ଚାୟତ ମେଲଣ ଉଦ୍‌ଯାପିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନ ଗ୍ରାମରେ ୨୧ତମ ଭବାନୀପୁର ପଞ୍ଚାୟତ ମେଲଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୧୧ଟି ବଡ଼ ଦୋଳବିମାନ ଓ ୧୭ଟି ଛୋଟ ବିମାନ ଯୋଗ ଦେଇଥିଲେ। ଭୁବନ ମଠ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ଗ୍ରାମର ଉଭୟ ପାର୍ଶ୍ୱରୁ ଠାକୁର ବାଡିଆମାନେ ନଦିଆ କିର୍ତ୍ତନର ତାଳେ ତାଳେ ବିମାନକୁ ଝୁଲେଇ ଝୁଲେଇ ନେଇ ମେଲଣ ପଡ଼ିଆରେ ପହଞ୍ଚାଇ ଥିଲେ। ବିମାନ ସମ୍ମୁଖରେ ନାଚଗୀତ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାଜାବାଣ, କିର୍ତ୍ତନ ଓ ରୋଷଣୀରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିଲା। ମେଲଣ ପଡ଼ିଆରେ ସମସ୍ତ ବିମାନ ସମବେତ ହେବା ପରେ ରାଧାକୃଷ୍ଣଙ୍କ ଯଥାବିଧି ପୂଜାର୍ଚ୍ଚନା, ଭୋଗଲାଗି ଓ ବିଦାକି କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା। ମେଲଣରେ ୫ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ସରପଞ୍ଚ ଜ୍ୟୋର୍ତିମୟୀ ନାୟକ ଓ ସମିତିସଭ୍ୟା ସରୋଜିନୀ ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ବିଜେଡ଼ି ନେତା ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଲଣରେ ଉମାକାନ୍ତ ମୁଦୁଲି, ରିୟାଜୁଲ୍ ହକ୍, ପ୍ରାଣକୃଷ୍ଣ ବିଶ୍ୱାଳ, ଜଗନ୍ନାଥ ପାଢ଼ୀ, ଅକ୍ଷୟ ମହାନ୍ତି, ମୂରଲୀଧର ନାୟକ, ରାମଚନ୍ଦ୍ର ଭାରତୀ, ସୁରେଶ ସାମଲ, ଗୋପାଳ ନାୟକ, ଅଲେଖ ନାୟକ, ତପନ ବେହେରା, ସୁଶାନ୍ତ ନାୟକ ପ୍ରମୁଖ ସମସ୍ତ ସଭ୍ୟ ମେଲଣ ପରିଚାଳନା କରିଥିଲେ।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର "ଫନି"ର ଶୁଭମୁକ୍ତି ଉତ୍ସବ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାଂସ୍କୃତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଫନିର ଶୁଭମୁକ୍ତି ଉତ୍ସବ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଆୟୋଜିତ ଉତ୍ସବରେ ସଂଗଠନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟକଭାବେ ଯାଜପୁର ପୌରପାଳିକା ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ବିଶିଷ୍ଟ ଅତିଥିଭାବେ ଯାଜପୁରର ପୌରାଧକ୍ଷା ରଞ୍ଜୁଲତା ହୋତା, ମୁଖ୍ୟ ବକ୍ତାଭାବେ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ହରିହର ସ୍ୱାଇଁ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଦଶରଥପୁର ବ୍ଲକର ପୂର୍ବତନ ଉପାଧକ୍ଷ ବିଷ୍ଣୁ ଚରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସଂଗଠନ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଭରତ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ଉପେନ୍ଦ୍ରର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବ ନିର୍ବାଚିତ ପାରିଷଦ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଂଚ, ସମିତିସଭ୍ୟ ମାନଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଫନି ଚଳଚ୍ଚିତ୍ରର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ସଂଗୀତ ନିର୍ଦ୍ଦେଶକ ଦୀନେଶ କୁମାର ମଲ୍ଲିକ, ଗୀତିକାର ନଳିନିପ୍ରଭା ଦାସଙ୍କ ସମେତ ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ୍ ତଥା ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ ଅନୁଷ୍ଠାନ ସମ୍ପର୍କରେ ନିଜର ମତାମତ ରଖିଥିଲେ। ଅନ୍ୱେଷଣର ଶିଶୁ କଳାକାର ତଥା କଣ୍ଠଶିଳ୍ପୀ ଦେବେଶ୍ୱର ସ୍ୱାଇଁଙ୍କ ଜନ୍ମଦିନ ପାଳନ କରିବା ସହିତ ତାଙ୍କୁ ସମସ୍ତେ ଆଶିର୍ବାଦ କରିଥିଲେ। ନୂତନଭାବେ ବରୀରୁ ପ୍ରକାଶ ପାଉଥିବା ରତ୍ନଗିରି ପତ୍ରିକାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅଜୟ ଜେନା ଅନୁଷ୍ଠାନରେ ବିଧିବଦ୍ଧ ଭାବେ ଅତିଥିମାନଙ୍କ ଗହଣରେ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ସୁବାସ ଚନ୍ଦ୍ର ଦେବତା ନୂତନଭାବେ ବିରୁହାଁ ଗ୍ରାମପଞ୍ଚାୟତର ସରପଞ୍ଚଭାବେ ବିଜୟୀ ହୋଇଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ମଡ଼ିଆ ସେଲ୍ ଅଧ୍ୟକ୍ଷ ସୁରେଶ୍ କର, ସମାଜସେବୀ ସେକ୍ ସାଜିଦ୍‌ଙ୍କ ସମେତ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ସ୍ୱାମୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପାଟପୁର ପଂଚାୟତର ପାଣିମୁହାଣୀ ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସୂଚନା ମୁତାବକ ପାଣିମୁହାଣୀ ଗ୍ରାମର ବିଜୟ ନାୟକଙ୍କ ସହିତ ପଡୋଶୀଙ୍କ ଜମିବାଡି ବିବାଦକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ତେବେ ସେମାନେ ଆସି ବିଜୟଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କର ପତ୍ନୀ ବିନି ନାୟକ (୫୧)ଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ବିଜୟ ନାୟକ ଅଭିଯୋଗ କରିଛନ୍ତି। ସ୍ୱାମୀ ବିଜୟଙ୍କ ଅଭିଯୋଗକ୍ରମେ ପଡୋଶୀ କିଛି ଯୁବକ ତାଙ୍କ ଘର ଭିତରେ ପଶି ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ପତ୍ନୀଙ୍କ ମୃତ୍ୟୁ ଘଟିଥିଲା। ସେ ନିଜେ ଆହତ ହୋଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତି ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ପୂର୍ବରୁ ଗଛକଟାକୁ କେନ୍ଦ୍ର କରି ବିଜୟ ଓ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ କୋତପୁର ଫାଣ୍ଡିରେ ଉଭୟ ପକ୍ଷରୁ ମାମଲା ମଧ୍ୟ ରୁଜୁ ହୋଇଥିବା ସୂଚନା ମିଳିଛି। ସେହି ଘଟଣାକୁ କେନ୍ଦ୍ର କରି ୪/୫ଜଣ ଯୁବକ ତାଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ କରିଛନ୍ତି ବିଜୟ। ତେବେ ଏହି ଆକ୍ରମଣରେ ବିଜୟ ଏବଂ ମୃତ ମହିଳାଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନଥିବା ଦେଖିବାକୁ ମିଳିଛି। ଖବର ପାଇ କୋତପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ୧୯୧/୨୨ରେ ଏକ କେଶ ରୁଜୁ କରି ଶବ ବ୍ୟବଛେଦ ପାଇଁ ବଡଚଣା ପଠାଇବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି। ଅନ୍ୟପଟେ ଅଭିଯୋଗ ଆଧାରରେ ପୁଲିସ ଗ୍ରାମର ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ରାତିରେ ୪ଜଣ ଦୁର୍ବୃତ୍ତ ଜଣକ ଘରେ ପସି ହତ୍ୟାକାଣ୍ଡ ଭିଆଇଥିଲା ବେଳେ ପଡୋଶୀ ଲୋକେ ଜାଣିନପାରିବା ଓ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ଦେହରେ କ୍ଷତଚିହ୍ନ ନଥିବାକୁ ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ରାଣିବନ୍ଧି ଗ୍ରାମରେ ଡକାୟତି, ଆକ୍ରମଣରେ ଜଣେ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ରାଣିବନ୍ଧି ଗ୍ରାମରେ ଡକାୟତମାନେ କବାଟଭାଙ୍ଗି ଜଣକ ଘରେ ପଶି ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ରାଣିବନ୍ଧି ଗ୍ରାମର ତରୁଣ କୁମାର ମହାପାତ୍ରଙ୍କ ଘରେ ଡକାୟତମାନେ ପଶି ଗଦରେଜ ଆଲମିରା ଭାଙ୍ଗି ୪ଭରି ସୁନା ଓ ୧୦ ଭରି ରୁପା ଅଳଙ୍କାର ସହ ନଗଦ ୨୦ ହଜାର ଟଙ୍କା ଲୁଟିନେଇଛନ୍ତି। ଏହାକୁ ଗୃହକର୍ତାଙ୍କ ଭଣଜା ବିରୋଧ କରିବାରୁ ଡକାୟତମାନେ ତାଙ୍କୁ ମାଡମାରି ଏକ ରସିରେ ବାନ୍ଧିଦେଇ ଅଳଙ୍କାର ଓ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ଗୃହକର୍ତାଙ୍କ ପୁଅ ସତ୍ୟରଂଜନ ଘରକୁ ଅସି ଗୁରୁତର ଅବସ୍ଥାରେ ବନ୍ଧା ହୋଇ ପଡିଥିବା ଭାଇକୁ ଉଦ୍ଧାର କରି ମେଡିକାଲରେ ଭର୍ତି କରିଥିଲେ। ଅଭିଯୋଗ ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ କରିଛି। ତେବେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ। ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେଲା ଧର୍ମଶାଳା ଥାନାର ବିଭିନ୍ନ ଅଂଚଳରେ ଚୋରୀ ଘଟଣା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପୋଲିସର ନିଷ୍କ୍ରିୟତା ପଦାରେ ପଡିଛି।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତୁରଙ୍ଗ ଗ୍ରାମରେ ଜଣେ ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗିରଫ କରିଛି। ତୁରଙ୍ଗ ଗ୍ରାମର ପବିତ୍ର ରାଉତ(୨୪) ସେହି ଗ୍ରାମର ଜଣେ ନାବାଳିକାକୁ ଜୋରଜବରଦସ୍ତ ଉଠାଇ ନେଇ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାର ପିତା ଜେନାପୁର ଥାନାରେ ଅଭିଯୋଗ କରବା ପରେ ପୋଲିସ ୯୦/୨୨ରେ ଏକ କେଶ ରୁଜୁ କରିବା ସହ ଅଭିଯୁକ୍ତ ପବିତ୍ରକୁ ଗିରଫ କରିଥିଲା। ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରିମାଇନା କରାଯାଇ ଅଭିଯୁକ୍ତ ପବିତ୍ରକୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି ବୋଲି ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଟାଟା ଏସି ସହ ଲକ୍ଷାଧିକ ଟଙ୍କାର ଏଲଇଡି ୱାଲ ଡକାୟତି

ଖୋର୍ଦ୍ଧା (ପିଏନ୍)- ଜି ଉଦୟଗିରିରୁ ମହୋତ୍ସବ ପାଇଁ ବ୍ୟବହୃତ ଲକ୍ଷାଧିକ ଟଙ୍କାର ଏଲଇଡି ୱାଲକୁ ଏକ ଓଡି ୦୨ଏପି ୨୦୩୬ ନମ୍ବର ବିଶିଷ୍ଟ ଟାଟା ଏସିରେ ବୋଝେଇ କରି ଚାଳକ ସନ୍ତୋଷ ଗୌଡ ଭୁବନେଶ୍ୱର ଫେରୁଥିଲେ। ବିଳମ୍ବିତ ରାତିରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀସ୍ଥିତ ହଟକେଶ୍ୱର ମହିଳା ମହାବିଦ୍ୟାଳୟର ନିକଟରେ ଥିବା ପୋଖରୀ ନିକଟରେ ଗାଡିର କାର୍ବୋରେଟର ଖରାପ ହୋଇଯାଇଥିଲା। ଏ ନେଇ ଚାଳକ ଶ୍ରୀ ଗୌଡ ପାଣି ଆଣିବାକୁ ଯାଇଥିବା ସମୟରେ ତାଙ୍କୁ ଏକ କାର ପିଛା କରି ଅତର୍କିତ ଭାବରେ ଟାଟା ଏସିକୁ ଧରି ଖୋର୍ଦ୍ଧା ଅଭିମୁଖେ ନେଇ ପଳାଇଥିବା ବେଳେ ଡ୍ରାଇଭର ପାଟିକରି ଅଟକାଇବାକୁ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ରୁଣ୍ଡ ହେବା ସହିତ ବାଘମାରୀ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଓ ଖୋର୍ଦ୍ଧା ସ୍ପେସିଆଲ ସ୍କ୍ୱାର୍ଡ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଦେଇଥିଲେ। ଖୋର୍ଦ୍ଧା ନିକଟସ୍ଥ ଅରାଙ୍ଗ ଜଙ୍ଗଲରୁ ଟାଟା ଏସିକୁ ଜବତ କରାଯାଇଥିବା ବେଳେ ଏଲଇଡି ୱାଲଗୁଡିକୁ ଠାବ କରାଯାଇପାରିନାହିଁ। ଏ ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କାର୍ଯ୍ୟ ଜାରି ରଖିଛି ବୋଲି ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି।

## ବାପାମା'ଙ୍କୁ ମାଡମାରି ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ଜଣେ ଯୁବକ ନିଜ ବାପା, ମା' ଓ ଭାଉଜଙ୍କୁ ମାଡମାରିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହୋଇଛି। ବାଲିସାହି ଗ୍ରାମର ଦାଶରଥୀ ଜେନା ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ସାନ ପୁଅ ବୀରବର ଜେନା (୩୫) ତାଙ୍କ ସହିତ ତାଙ୍କ ପତ୍ନୀ ଓ ବୋହୂକୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲା। ଦାଶରଥୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ୮୪/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବୀରବରକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## କଳାପଥର ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବାଘୁଆ ଛକ ନିକଟରୁ ବେଆଇନ ଭାବେ ପରିବହନ କରୁଥିବା କଳାପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଛି। ଓଆର -୦୪ଏନ ୭୮୧୨ ନଂ ଟ୍ରାକ୍ଟର ବାଘୁଆ କଳାପଥର ଖାଦାନରୁ ବେଆଇନ ଭାବେ କଳାପଥର ବୋଝେଇ କରି ଯାଉଥିବା ବେଳେ ପୋଲିସ ଅଟକାଇ କାଗଜପତ୍ର ଯାଂଚ କରିଥିଲା। ତେବେ ଡ୍ରାଇଭର ଆବଶ୍ୟକୀୟ କାଗଜପତ୍ର ନଦେଖାଇ ପାରିବାରୁ ପୋଲିସ ଗାଡିକୁ ଟ୍ରାକ୍ଟରକୁ ଜବତ କରିବା ସହ ଏହି ଥାନା ଢିହକଷ୍ଟି ଗ୍ରାମର ଡ୍ରାଇଭର ପ୍ରଫୁଲ୍ଲ ମଲିକ (୨୫)କୁ ଗିରଫ କରିଥିଲା। ପରେ ପ୍ରଫୁଲ୍ଲକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ପର୍ଯ୍ୟବେକ୍ଷକ ନିଯୁକ୍ତ ପରେ ଅପରାଜିତା ଭୟଭୀତ: ବିଜେଡି

ଭୁବନେଶ୍ୱର,(ପି.ଏନ): ମୁଖ୍ୟମନ୍ତ୍ରୀ ଏବଂ ବିଜେଡି ସଭାପତି ମୋତେ ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିବା ପରେ ଭୁବନେଶ୍ୱରର ବିଜେପି ସାଂସଦ ଭୟଭୀତ ହୋଇପଡିଛନ୍ତି ବିଜେଡି ପ୍ରବକ୍ତା ଶ୍ରୀମତୀ ଶ୍ରୀମୟୀ ମିଶ୍ର। ବିଜେପି ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ଶ୍ରୀମତୀ ମିଶ୍ର କହିଛନ୍ତି ଯେ ଦୀର୍ଘ ୪ବର୍ଷ ପରେ ଶ୍ରୀମତୀ ଷଡଙ୍ଗୀ ଦଳର ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରୁଥିବାରୁ ଉତ୍ସାହିତ ଅଛନ୍ତି। ବୋଧହୁଏ ଗତକାଲି ବିଜୁ ଜନତା ଦଳ ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ତାହାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିବା ପରେ ସାଂସଦଙ୍କର ଏଭଳି ଅବସ୍ଥା ହୋଇଛି। ସେ ଜଣେ ରାଜନେତା, ଅମଲାତନ୍ତ୍ରି ନୁହଁନ୍ତି, ସେ ନିଜର ଅମଲାତାନ୍ତ୍ରିକ ମାନସିକତାରୁ ବାହାରକୁ ବାହାରନ୍ତୁ। ସେ ଡାକ୍ତରଖାନା ଗୁଡ଼ିକୁ ଯାଇ ରୋଗୀଙ୍କୁ ଭେଟନ୍ତୁ, ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିବା ସହିତ ସେମାନଙ୍କର ଯତ୍ନ ନିଅନ୍ତୁ। ଯେତେବେଳେ ପ୍ରଶାସନ ଲୋକଙ୍କ ଦୁଆର ମୁହଁକୁ ଯାଇ କାର୍ଯ୍ୟ କରୁଛି, ଯେତେବେଳେ ସମୟସୀମା ମଧ୍ୟରେ ପ୍ରକଳ୍ପ ଗୁଡିକ ମଞ୍ଜୁର ହେଉଛି, କାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ ହେଉଛି, ସାଧାରଣ ଲୋକ ନିଜର ଅଭିଯୋଗକୁ ପ୍ରଶାସନ ନିକଟରେ ପହଞ୍ଚାଇବାକୁ ସକ୍ଷମ ହେଉଛନ୍ତି, କଲେଜ ଛାତ୍ରମାନେ ସେମାନଙ୍କ ଅଭିଯୋଗ ଜଣାଇବାରେ ସକ୍ଷମ ହେବା ସହିତ ତତକ୍ଷଣାତ ସମାଧାନ ପାଉଛନ୍ତି, ମନ୍ଦିରଏବଂ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଗୁଡ଼ିକ ଉଲ୍ଲେଖନୀୟ ବିକାଶ ପ୍ରାପ୍ତ କରୁଛନ୍ତି, ଯାହା ପୂର୍ବରୁ ହୋଇନଥିଲା, ସରକାର ଏଭଳି ଜନମଙ୍ଗଳ ଶାସନ କରୁଛନ୍ତି ସେତେବେଳେ ସେ କାହିଁକି ଡରୁଛନ୍ତି ?ଶ୍ରୀମନ୍ଦିର କାର୍ଯ୍ୟକୁ ବନ୍ଦ କରିବା ପାଇଁ ସେ ଯେଉଁଡ୍ରାମା କରିଥିଲେ ତାହା ଲୋକମାନେ ଦେଖିଛନ୍ତି। ଏକାମ୍ରଲିଙ୍ଗ ରାଜକ୍ଷେତ୍ର ଏବଂ ସେବାୟତମାନଙ୍କର ବିକାଶ କାର୍ଯ୍ୟକୁ ଅଟକାଇବା ଏବଂବିଳମ୍ବ କରିବା ପାଇଁଲୋକମାନେ ଆଦୌ କ୍ଷମାକରିବେ ନାହିଁ। ଯେଉଁ ଉତ୍ସାହର ସହିତ ଶ୍ରୀମନ୍ଦିର ପ୍ରକଳ୍ପକୁ ବନ୍ଦ କରିବାକୁ ଯାଇଥିଲେ ଏବଂ ଓଡ଼ିଶାର ଆରାଧ୍ୟ ଦେବତାଙ୍କ ମନ୍ଦିର ବିକାଶ କାର୍ଯ୍ୟକୁ ଅଟକାଇବାକୁ ପଦଯାତ୍ରା କରିଥିଲେ ଲୋକେ ତାହାକୁ ମନେ ରଖିଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday June 21, 2023 | ଭୁବନେଶ୍ୱର ବୁଧବାର, ଜୁନ ୨୧,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା

ଭୁବନେଶ୍ୱର, (ପି.ଏନ): ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟା ୩୦ମିନିଟ୍‌ରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୪୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ



ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିଶ୍ୱକର୍ମା, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଏହି ନଅ ଦିନ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।

## ବିପଦସଙ୍କୁଳ ଅବସ୍ଥାରେ ତୁଆଝର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ

ନୂଆପଡ଼ା, (ପି.ଏନ): ବହୁତ ବର୍ଷ ହେଲା ଭଙ୍ଗା ଦଦରା ହୋଇ ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ନୂଆପଡା ଜିଲା ଖଡ଼ିଆଳ ବ୍ଲକର ତୁଆଝର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ। ଅଭିଯୋଗ ସତ୍ୱେ ପ୍ରଶାସନ ଚୁପ ଥିବା ବେଳେ ଡରି ଡରି ଚାଲିଛି ଅଫିସ କାମ। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ବେଳେ ବାର ମାସ ସିମେଂଟ ଅତଡ଼ା ଖସୁଛି। ଶୀଘ୍ର ସମସ୍ୟାର ସମାଧାନ ପାଇଁ ଦାବୀ ହେଉଛି। ଏହା ଉପରେ ୯ ଟି ପଂଚାୟତର ଚାଷୀ ନିର୍ଭୟ କରନ୍ତି। ସବୁ କୋଠରୀର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଳ୍ପ ବର୍ଷାରେ ଛାତରୁ ପାଣି ଝରୁଥିବା ବେଳେ, ବର୍ଷଯାକ ଛାତରୁ ସିମେଂଟ ଅତଡ଼ା ଖସୁଛି। ଅନେକ ସମୟରେ ଅଫିସ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ବିଭିନ୍ନ କାର୍ଯ୍ୟ ବାବଦକୁ ଚାଷୀ ମାନେ ଆସିଥାନ୍ତି ହେଲେ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସୁରକ୍ଷିତ ମନେ କରୁନାହାନ୍ତି। ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବାରମ୍ବାର ଦାବୀ ହୋଇଥିଲେ ସୁଦ୍ଧା ସମସ୍ତେ ଚୁପ ରହିଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ସହ ସମବାୟ ସମିତିର ସଭାପତି ଯୁବରାଜ ଜଗତ, ସମ୍ପାଦକ ଥବିର ତାଣ୍ଡି ଏବଂ ଜନ ପ୍ରତିନିଧି ବାରମ୍ବାର ଜିଲା ପ୍ରଶାସନକୁ ଅବଗତ କରୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି।

## ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ତିନି ରଥ




କୋଣାର୍କ ,(ପି.ଏନ): ଆଜି ପବିତ୍ର ନବଦିନାତ୍ମକ ଘୋଶଯାତ୍ର ଅବସରରେ କୋଣାର୍କର ବାଲୁକା ଶିଳ୍ପୀ ଶରିତା ଗୋଛୟତ ଓ ସାଥି ଶିଳ୍ପୀ ମାନେ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତିନି ରଥ ଓ ମହାପ୍ରଭୁଙ୍କ ବିଶାଳ ମୂର୍ତ୍ତି ପ୍ରସ୍ତୁତ କରିଥିଲେ । ଶିଳ୍ପୀ ଶରିତା ବିଭିନ୍ନ ରଙ୍ଗକୁ ବ୍ୟବହାର କରି ନିଖୁଣ ଭାବରେ ଶ୍ରୀଜିୟୁଙ୍କ ତିନିରଥ ଓ ମହାପ୍ରଭୁଙ୍କୁ ବିଶାଳ ପ୍ରତିକୃତି ପ୍ରସ୍ତୁତି କଳାକୃତିର ପ୍ରଦର୍ଶନୀକୁ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ଉଦଘାଟନ କରିଥିଲେ । ସୂର୍ଯ୍ୟ ମନ୍ଦିର ଓ ଚନ୍ଦ୍ରଭାଗା ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ବାଲିରେ ପ୍ରସ୍ତୁତ ଏହି କଳାକୃତିକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ଏହି କଳାକୃତିଟି ପର୍ଯ୍ୟଟକଙ୍କ ପାଇଁ ବାହୁଡା ପର୍ଯ୍ୟନ୍ତ ସୁରକ୍ଷିତ ରଖାଯିବ ବୋଲି ଶିଳ୍ପୀ ଶରିତା ସୂଚନା ଦେଇଛନ୍ତି । ଶିଳ୍ପୀ ଶରିତା ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । କୋଣାର୍କ ଉତ୍ସବ ସମୟରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଚନ୍ଦ୍ରଭାଗା ଠାରେ ଆୟୋଜିତ ଆନ୍ତର୍ଜାତିକ ବାଲୁକା କଳା ପ୍ରଦର୍ଶନିରେ ଭାଗନେଇ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ।

## ଠିକାଦାରଙ୍କୁ ଗୁଳି କରି ହତ୍ୟା

ଖୋର୍ଦ୍ଧା, (ପି.ଏନ): ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ଛକରେ ଗତକାଲି ବିଳମ୍ବିତ ରାତିରେ ଜଣେ ଠିକାଦାରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ସେ ହେଲେ ରାଧାମୋହନପୁରର ରମେଶ ଚନ୍ଦ୍ର ରାଉତ (୪୮)। ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଚଣ୍ଡେଶ୍ୱର ଛକରେ ଥିବା ଏକ ଢାବାରୁ ରମେଶ ଖାଇସାରି ନିଜ ବାଇକରେ ଘରକୁ ଫେରୁଥିଲେ। ତାଙ୍କ ସାଥିରେ ମୁଣ୍ଡାଳ ଗ୍ରାମର ଦିଲ୍ଲୀପ ସୁରଜିତ ଓ ସେହି ଗ୍ରାମର ଗଂଗାଧର ସୁବୁଦ୍ଧି ଥିଲେ। ସେମାନେ ଚଣ୍ଡେଶ୍ୱରରୁ ସାତଶଙ୍ଖ ଦେଇ ଘରକୁ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ତାଙ୍କୁ ପିଛା କରୁଥିବା ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇଥିଲେ। କେହି କିଛି ବୁଝିବା ପୂର୍ବରୁ ଅତର୍କିତ ଭାବେ ରମେଶଙ୍କୁ ଗୁଳି ଚଳାଇ ସେଠାରୁ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତିକରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଘଟଣା ପରେ ପୋଲିସ ରମେଶଙ୍କ ସାଥିରେ ଥିବା ଦୁଇ ବନ୍ଧୁଙ୍କୁ ପଚରାଉଚୁରା କରୁଛି। ଘଟଣାର ତଦନ୍ତ ଜାରି ରହିଥିବା ଟାଙ୍ଗି ଥାନାଧିକାରୀ ଦିଗବିଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବିଜୁଳି ଆନ୍ଦୋଳନ ପାଇଁ ଜନ ସମ୍ପର୍କ ଅଭିଯାନ

ନୂଆପଡ଼ା, (ପି.ଏନ): ଖଡିଆଳ ବ୍ଲକ ଆରେଡ଼ା ପଂଚାୟତର ବଡମୁଳା ଗ୍ରାମରେ ଆମ୍ ଆଦମୀ ପାର୍ଟି ନୂଆପଡା ତରଫରୁ ବିଧାନସଭା ବିଜୁଳି ଆନ୍ଦୋଳନ ପାଇଁ ଜନସମ୍ପର୍କ ଅଭିଯାନ କରାଯାଇଥିଲା। ଜିଲ୍ଲା ଉପ ସଭାପତି ଚୈତନ୍ୟ ତାଣ୍ଡିଙ୍କ ମଂଚ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଆବାହକ ଶୋକନାଥ ସେନାପତି ସଭାପତିତ୍ୱ କରିଥିଲେ । ଆମ୍ ଆଦମୀ ପାର୍ଟିର ସଫଳ ରାଜନୀତି ଓ ବିଚାରଧାରା ଉପରେ ସଭାପତି ବିସ୍ତୃତ ଭାବରେ ଜଣାଇଥିଲେ।

ଜିଲ୍ଲା ସାଧାରଣ ସମ୍ପାଦକ ଚମ୍ପେଶ୍ୱର ବନଛୋର ଆସନ୍ତା ଜୁଲାଇ ୭ ତାରିଖରେ ଖଡିଆଳ ଠାରେ ହେବାକୁ ଥିବା ବିଧାନସଭା ବିଜୁଳି ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ କରିଥିଲେ। ସଭାରେ ଆପ୍ ଖଡିଆଳ ବ୍ଲକ ଉପ ସଭାପତି ମଧ୍ୟ ଉପସ୍ଥିତ ଥିଲେ। ଗାଁର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଗାଁର ରାସ୍ତା ମଧ୍ୟରେ ଥିବା ପୋଲକୁ ଘୁଂଚାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଥିଲେ।

## ଗଞ୍ଜାମ ଜିଲ୍ଲାରେ ୯ ବିଇଓ ଏବଂ ୧୬ ପ୍ରଧାନଶିକ୍ଷକ ପଦବି ଖାଲି

ଗଞ୍ଜାମ, (ପି.ଏନ): ଗୁଣାତ୍ମକ ଶିକ୍ଷାର ବିକାଶ ଓ ପିଲା ମାନଙ୍କୁ ଯୁଗୋପଯୋଗୀ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ହାଇସ୍କୁଲକୁ ରୂପାନ୍ତରିତ କରି ସ୍ମାର୍ଟ ସ୍କୁଲରେ ପରିଣତ କରିଛନ୍ତି । ଯେଉଁଠି ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ପାଠାଗାର ଓ ଲ୍ୟାବ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଇଛି। ଏହା ଏକ ବୈପ୍ଳବିକ ପଦକ୍ଷେପ ସତ, କିନ୍ତୁ ଦୁଃଖର କଥା ହେଉଛି ବ୍ଲକ ସ୍ତରରେ ଶିକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଖାଲି ପଡିଥିବା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପଦବି ଏବଂ ବିଦ୍ୟାଳୟ ଗୁଡିକରେ ପ୍ରଧାନଶିକ୍ଷକ ପଦବି ପୂରଣ କରିବା ଦିଗରେ ସରକାରଙ୍କ ନିଘା ନାହିଁ । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାରେ । କେବଳ ପ୍ରଧାନଶିକ୍ଷକ ନୁହଁନ୍ତି ବିଭିନ୍ନ ବିଦ୍ୟାଳୟରେ ପାଠ ପଢାଇବାକୁ ଶିକ୍ଷକଙ୍କର ମଧ୍ୟ ଅଭାବ ରହିଛି । ୩୭୩ଟି ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇଥିଲେ ମଧ୍ୟ ମାନବ ସମ୍ବଳ ଅଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୯ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ବିଇଓ ଏବଂ ୧୬ଟି ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବି ଖାଲି ପଡିଛି । ସବୁଠି କାମଚଳା ନୀତିରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଏଭଳି ପରିସ୍ଥିତିରେ ସମ୍ପୃକ୍ତ ବ୍ଲକ ଅଧିନରେ ରହିଥିବା ବିଦ୍ୟାଳୟ ଗୁଡିକରେ ଶିକ୍ଷାଦାନ ବ୍ୟବସ୍ଥାକୁ କିଏ ତଦାରଖ କରିବ ଏବଂ ବିଦ୍ୟାଳୟକୁ କିଏ ପରିଚାଳନା କରିବ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଆସନ୍ତା ୨୪ରୁ ୩ ଦିନ ବ୍ୟାପି ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା

ନୂଆପଡ଼ା, (ପି.ଏନ): ଆସନ୍ତା ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନାଟକ ପ୍ରତିଯୋଗିତା ସହ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଆଜି ଅନୁଷ୍ଠାନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି। ଅନୁଷ୍ଠାନର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସୂଚନା ଦେଇଥିଲେ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ । ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅନୁଷ୍ଠାନ ସବୁ ନାଟକ ପରିବେଷଣ କରିବେ। ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆମର ଗାଁ ଓ ସହର ସେଦିନ ଅନ୍ଧାର ଥିଲା ନାଟକ ପ୍ରଦର୍ଶିତ କରାଯିବ। ବୋଡ଼େନ ବ୍ଲକ ପଲସଦା ଆଶ୍ରମ ତରଫରୁ ବଏଠା ତୁଲା, ସ୍ୱରସଙ୍ଗମ କଳା ପରିଷଦ ସିନାପାଲି ତରଫରୁ ଭିନ୍ନ ଏକ ଏକଲବ୍ୟ, ଖଡ଼ିଆଳ ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପକ୍ଷରୁ କୋଶଲୀ ନାଟକ ରାମ ନାମ ସତ୍ୟ ହେ, କୋମନା ନାଟ୍ୟ ସଂସଦ ପକ୍ଷରୁ କେନ କରବା ଉଦ୍ଧାର, ମା ଠାକୁରାଣୀ କ୍ଲବ ପକ୍ଷରୁ ମୁଦୁରିଆର ଦୁଃଖେ ଝି, ଖଡ଼ିଆଳ ପବ୍ଲିକ ସ୍କୁଲ ପକ୍ଷରୁ କୋଶଳୀ ନାଟକ ଉକିଆ ପ୍ରଭୃତି ମୋଟ ଆଠଟି ନାଟକ ପରିବେଷିତ ହେବ । ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଥିଲେ। ପ୍ରତ୍ୟେକ ଦିନ ସାଂସ୍କୃତିକ ସଭା ସହ ଖଡ଼ିଆଳ ଅଂଚଳରେ ନାଟକର କ୍ରମବିକାଶ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଓ ସମସ୍ତ କାର୍ଯ୍ୟକ୍ରମ ଖଡ଼ିଆଳ ସ୍ଥିତ ଅଗ୍ରସେନ ଭବନରେ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଥିଲା।

# ରଥଯାତ୍ରା ସମୟରେ ଉନ୍ନତମାନର ଯାତ୍ରୀ ପରିସେବା ତୀର୍ଥଯାତ୍ରୀଙ୍କ ଆକାଂକ୍ଷାକୁ ସମର୍ପିତ: ରେଳ ମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ଶ୍ରୀ ବୈଷ୍ଣବ ମଧ୍ୟ ପୁରୀ ଷ୍ଟେସନ ଠାରେ ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତଙ୍କୁ ଭେଟିଥିଲେ ଯେଉଁମାନେ ରେଳବାଇ ଦ୍ୱାରା ବ୍ୟବହୃତ ଯାତ୍ରୀ ବିଶ୍ରାମଗାର ରେ ବିଶ୍ରାମ ନେଉଥିଲେ ଏବଂ ରେଳବାଇ ଦ୍ୱାରା ପ୍ରଦାନ କରାଯାଉଥିବା ଯାତ୍ରା ସମ୍ବନ୍ଧରେ ଅଭିଜ୍ଞତା ଏବଂ ସୁବିଧାରେ ଉନ୍ନତି ଆଣିବା ପାଇଁ ମତାମତ ନେଇଥିଲେ ।ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଭାରତୀୟ ରେଳ, ଦେଶର ଜୀବନ ରେଖା ଏବଂ ରାଷ୍ଟ୍ରର ବିଭିନ୍ନ ସ୍ଥାନରେ ବିକାଶ ଦିଗରେ ପ୍ରତିବଦ୍ଧ । ଭାରତୀୟ ରେଳବାଇ ମଧ୍ୟ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିର ବାର୍ତ୍ତା ଅଟେ । ରେଳବାଇ କେବଳ ଏହାର ଅଞ୍ଚଳ ଗୁଡ଼ିକରେ ଭିତ୍ତିଭୂମି ବିକାଶ କରୁନାହିଁ ବରଂ ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତା ଓ ଯାତ୍ରୀ ପରିସେବାକୁ ମଧ୍ୟ ଉନ୍ନତ କରୁଛି । ଶ୍ରୀ ବୈଷ୍ଣବ ଏହା ମଧ୍ୟ କହିଛନ୍ତି ଯେ, ଚଳିତ ବର୍ଷ ରଥ ଯାତ୍ରା ସମୟ ମଧ୍ୟରେ ରେଳବାଇ ପକ୍ଷରୁ ୬୪୦ ଟି ନିୟମିତ ଏବଂ ୨୦୮ ଟି ବିଶେଷ ଟ୍ରେନ୍ ଚଳାଚଳ କରୁଛି । ବିଶେଷ ଟ୍ରେନ୍ ଗୁଡିକ ଚଳିତ ବର୍ଷ ମହାରାଷ୍ଟ୍ରର



ନନ୍ଦେଡ୍, ତେଲେଙ୍ଗାନାର କାଛିଗୁଡା ଓ ସିକନ୍ଦରାବାଦ, ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍ ଏବଂ ପଲାସା; ଛତିଶଗଡର ଜଗଦଳପୁର ସହିତ ଓଡ଼ିଶାର ବିଭିନ୍ନ ପ୍ରାଣରୁ ପୁରୀକୁ ଚଳାଚଳ କରୁଛି । ସେ ଏହା ମଧ୍ୟ କହିଛନ୍ତି ଯେ ଭିଡ ନିୟନ୍ତ୍ରଣ, ଟ୍ରେନ୍ ସୂଚନା ପ୍ରଣାଳୀ / ଅନୁସନ୍ଧାନ କେନ୍ଦ୍ର, ଭିଡିଓ ୱାଲ୍ ପ୍ରଦର୍ଶନ, ମୋବାଇଲ୍ ଆପରେ ଇକୋଆର୍ ଯାତ୍ରା ଆପ୍ ଏବଂ ୟୁଟିଏସ୍ ଆପ୍ ବ୍ୟବସ୍ଥା, ଅତିରିକ୍ତ ଟିକେଟ୍ ବୁକିଂ କାଉଣ୍ଟର ଏବଂ ଭ୍ରାମ୍ୟମାଣ ଟିକେଟ୍ କାଉଣ୍ଟର, ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର / ଶେଡ୍, ସୁରକ୍ଷା ବ୍ୟବସ୍ଥା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ଏହା ସହିତ ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା ଏବଂ ନିରାପତ୍ତା, ପାନୀୟ ଜଳ, ଯାତ୍ରୀମାନଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ସୌଚାଳୟ, କ୍ୟାଟରିଂ ଆଣ୍ଡ୍ ଆତିଥ୍ୟ, ମେଡିକାଲ୍ ସୁବିଧା ଏବଂ ଆମ୍ବୁଲାନ୍ସ ଇତ୍ୟାଦିକୁ ମଧ୍ୟ ବ୍ୟବସ୍ତା କରାଯାଇ ଯାତ୍ରୀ ମାନଙ୍କୁ ସୁବିଧା ପ୍ରଦାନ କରାଯାଉ ଅଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray